# ଓଡିଶା ସରକାର

## ଗଂଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

**ପତ୍ର ସଂ** ...102...... **ତା.** ..15/03/2022...

VII : ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଗଂଜାମ ଜିଲ୍ଲାରେ ଅର୍ଥାତ୍ ନନ୍ଦିନୀ ନାଳ ଉପରେ ଉଚ୍ଚ ସେତୁ ନିର୍ମାଣ ନିମନ୍ତେ ମୌଜା- ଶେରଗଡ ଓ କୃଷ୍ଣଛାଇ,ତହସିଲ- ଶେରଗଡ ଠାରେ ନିମ୍ନ ତଫସିଲ ମତେ ପ୍ରାୟ ଏ୧.୧୨୧ ଭୂମି ଅଧିଗ୍ରହଣ / ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିକାର ଆଇନ - ୨୦୧୩ (RFCTLAR&R) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରୁଛନ୍ତି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିକାର ଆଇନ - ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସଂପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦(ଷାଠିଏ) ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିକାର ଆଇନ - ୨୦୧୩ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ନନ୍ଦିନୀ ନାଳ ପ୍ରକଳ୍ପ, ତହସିଲଦାର, ଶେରଗଡଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ନନ୍ଦିନୀ ନାଳ ଉପରେ ଉଚ୍ଚ ସେତୁ ନିର୍ମାଣ ନିମନ୍ତେ

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠାବାଡି) ବିଭାଗ ନଂ-୧, ବ୍ରହ୍ମପୁର, ଗଞ୍ଜାମ

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ଏହି ପ୍ରକଳ୍ପ ପାଇଁ କେହି ବିସ୍ଥାପିତ ହେଉନାହାନ୍ତି ।

Scanned by CamScanner

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ SIA Study Vide No. - SIA-754/NCDS, Dtd. 07.09.2021 ଦ୍ରଷ୍ଟବ୍ୟ

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଏହି ପ୍ରକଳ୍ପ ପାଇଁ କେହି ବିସ୍ଥାପିତ ହେଉନଥିବାରୁ ଏହାର ଆବଶ୍ୟକତା ନାହିଁ ।

୬. ଜମିର ବିବରଣୀ –

| କ୍ରମିକ ନଂ | ତହସିଲ | ଗ୍ରାମର ନାମ | ଗ୍ରାମାଂଚଳ / ସହରାଂଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିକୃତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ୧ | ଶେରଗଡ | ଶେରଗଡ | ଗ୍ରାମାଂଚଳ | ଏଥି ସହିତ ସଂଲଗ୍ନ ଅଛି | | | ୦.୩୯୧ | ଏଥି ସହିତ ସଂଲଗ୍ନ ଅଛି |
| ୨ | ଶେରଗଡ | କୃଷ୍ଣଛାଇ | ଗ୍ରାମାଂଚଳ | | | | ୦.୭୩୦ | |
| | | | | | | ମୋଟ | **୧.୧୨୧** | |

ଭୂମି ଅନୁସୂଚୀର ନକଲ ଏଥିସହିତ ସଂଲଗ୍ନ କରାଯାଇଛି ।

ଉକ୍ତ ଜମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ନନ୍ଦିନୀ ନାଳ ପ୍ରକଳ୍ପ, ତହସିଲଦାର, ଶେରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଗଂଜାମ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ଜିଲ୍ଲାପାଳ, ଗଂଜାମ

କ୍ରମଶଃ.............

Scanned by CamScanner

# ଭୂମି ଅନୁସୂଚୀ

## ଜିଲ୍ଲା – ଗଞ୍ଜାମ    ତହସିଲ – ଶେରଗଡ    ଗ୍ରାମ - ଶେରଗଡ

| ଖାତା ନଂ | ପ୍ଲଟ୍ ନଂ | କିସମ | ମୋଟ ଏରିଆ | ଅର୍ଜିତ ରକବା | ଖାତା ରୟତଙ୍କ ନାମ |
|---|---|---|---|---|---|
| ୪୧୦ | ୫୩୨୭ | ବିଲ ଦୋଫସଲି | ୦.୫୩୬ | ୦.୦୮୯ | ପୂର୍ଣ୍ଣଚନ୍ଦ୍ର ସିଂହଦେଓ, ପି- ବ୍ରଜମୋହନ ସିଂହଦେଓ, ଜା- କ୍ଷତ୍ରୀୟ, ବା- ନିଜଗାଁ (ରଙ୍ଗୁଣୀ ସାହି) |
| ୧୮୬୮ | ୫୩୨୯ | ନଦୀ | ୦.୩୬୦ | ୦.୦୮୨ | ଅନାବାଦୀ |
| ୮୩୩/୩୨୨ | ୫୦୪୧ | ବିଲ ଦୋଫସଲି | ୦.୪୪୦ | ୦.୦୪୫ | ମହାଦେବ ବରାଡ, ପି- ବଛ ବରାଡ, ଜା- ବାଣାୟତ ଓଡିଆ, ବା- ତାକରଡା |
| ୮୩୩/୧୯୨ | ୫୦୬୨ | ବିଲ ଦୋଫସଲି | ୦.୩୮୮ | ୦.୧୨୦ | ଭଗବାନ ପ୍ରଧାନ, ପି- ଦାସ ପ୍ରଧାନ, ଜା- କୁରୁମ, ବା- ତାକରଡା |
| ୮୩୩/୧୬୩୨ | ୫୦୬୩ | ବିଲ ଦୋଫସଲି | ୦.୫୭୬ | ୦.୦୫୫ | ସଂପାଦକ - ପ୍ରଦୀପ କୁମାର ପଣ୍ଡା, ପି- ମହେଶ୍ୱର ପଣ୍ଡା, ଜା- ବ୍ରାହ୍ମଣ, ବା- କିର୍ତୀପୁର |
| | | | ମୋଟ | ୦.୩୯୧ | |

Scanned by CamScanner

ଜିଲ୍ଲା – ଗଂଜାମ     ତହସିଲ – ଶେରଗଡ     ଗ୍ରାମ – କୃଷ୍ଣଛାଇ

| ଖାତା ନଂ | ପ୍ଲଟ୍ ନଂ | କିସମ | ମୋଟ ଏରିଆ | ଅର୍ଜିତ ରକବା | ଖାତା ରୟତଙ୍କ ନାମ |
|---|---|---|---|---|---|
| ୧୮ | ୯୯ | ପାହାଡ | ୦.୫୬୫ | ୦.୩୨୦ | ଉଦୟ ପ୍ରତାପ ସିଂହଦେଓ, ପି- ଶୋଭା ଚନ୍ଦ୍ର ସିଂହଦେଓ, ଜାତି- କ୍ଷତ୍ରୀୟ, ଗ୍ରା- ଶେରଗଡ |
| ୨୩୯/୨୭ | ୧୦୦ | ପାହାଡ | ୦.୫୫୪ | ୦.୨୬୦ | କିଶୋର ପାଢୀ, ପି- ନରସିଂହ ପାଢୀ, ଗୀତାଞ୍ଜଳୀ ପାଢୀ, ସ୍ୱା- କିଶୋର ପାଢୀ, ଜା- ବ୍ରାହ୍ମଣ, ବା- କାଚଖଣ୍ଡି |
| ୨୨୯/୨୫ | ୧୦୫ | ପାହାଡ | ୦.୪୫୫ | ୦.୧୩୦ | ନରସିଂହ ପାଢୀ, ପି- ବରଜ ପାଢୀ ଜାତି- ବ୍ରାହ୍ମଣ, ଗ୍ରାମ- କାଚଖଣ୍ଡି |
| ୨୩୯/୫୫ | ୧୦୬ | ପାହାଡ | ୦.୨୭୦ | ୦.୦୨୦ | ନରସିଂହ ପ୍ରଧାନ, ପି- ନଟବର ପ୍ରଧାନ ଜାତି- କୁରୁମ, ଗ୍ରା- ଡାକରଡା ରାମ ନାୟକ, ପି- ଏକେଇ ନାୟକ ଜାତି – କୁରୁମ, ଗ୍ରା- ଡାକରଡା |
| | | | ମୋଟ | ୦.୭୩୦ | |

Scanned by CamScanner